



ନୀତିକୁ ଏହି ଢ଼ାଞ୍ଚାରେ ଭାରତ ପ୍ରଣୟନ କରିଛି । ଉଭୟ ଦେଶ ମଧ୍ୟରେ ଥିବା ଏକ ବଡ଼ ସାମଞ୍ଜସ୍ୟ ହେଉଛି ଉଭୟ ଗୋଷ୍ଠୀ ନିରପେକ୍ଷତାରେ ବିଶ୍ୱାସ ରଖିଥିଲେ । ଚୀନ-ଭାରତ ବିବାଦ ସମୟରେ ଶ୍ରୀଲଙ୍କା ନିରପେକ୍ଷ ନୀତି ଅବଲମ୍ବନ କରିଥିଲା । ୧୯୬୨ର ଯୁଦ୍ଧ ପରେ ଭାରତ ଓ ଚୀନ ମଧ୍ୟରେ ମଧ୍ୟସ୍ଥତା କରିବାପାଇଁ ଶ୍ରୀଲଙ୍କା ହୃଦୟଙ୍ଗମ କରିଥିଲା । ନିକଟ ଅତୀତରେ, ୨୦୦୫ମସିହାରେ, ଶ୍ରୀଲଙ୍କାର ଉପକୂଳବର୍ତ୍ତୀ ଅଞ୍ଚଳ ଗୁଡ଼ିକ ଯେତେବେଳେ 'ସୁନାମୀ' ଦ୍ୱାରା ବିଧ୍ୱସ୍ତ ହୋଇଥିଲା, ଭାରତ ଶ୍ରୀଲଙ୍କାକୁ ସମୟୋଚିତ ସାହାଯ୍ୟ କରିଥିଲା ।

## ୨୮.୩.୧ ଭାରତୀୟ ବଂଶୋଦ୍ଭବ ତାମିଲ୍‌ମାନଙ୍କ ସମସ୍ୟା

ଶ୍ରୀଲଙ୍କାର ଜାଫ୍‌ନା ପ୍ରଦେଶରେ ତାମିଲମାନେ ହେଉଛନ୍ତି ସଂଖ୍ୟାଗରିଷ୍ଠ ଅଧିବାସୀ । ଯେତେବେଳେ ତାମିଲମାନେ ଶ୍ରୀଲଙ୍କାର ଉତ୍ତରରେ ନିଜପାଇଁ ସ୍ୱତନ୍ତ୍ର ରାଷ୍ଟ୍ର ବା "ଏଲାମ୍'' ଦାବି କଲେ, ସମସ୍ୟା ଗମ୍ଭୀର ରୂପ ନେଲା । ଏଠାରେ ଜାଣିବା କଥା ଯେ ଶ୍ରୀଲଙ୍କାରେ ଦୁଇପ୍ରକାରର ତାମିଲ ଅଛନ୍ତି । ପ୍ରଥମ ଗୋଷ୍ଠୀ ହେଉଛନ୍ତି "ସିଂହଳୀୟ ତାମିଲ'' ଯେଉଁମାନଙ୍କର ପୂର୍ବ ପୁରୁଷମାନେ ଶହ ଶହ ବର୍ଷ ଆଗରୁ ଶ୍ରୀଲଙ୍କାକୁ ଦେଶାନ୍ତର ଗମନ କରିଥିଲେ । ଏମାନଙ୍କ ସଂଖ୍ୟା ପ୍ରାୟ ଦଶ ଲକ୍ଷ । ଦ୍ୱିତୀୟ ଗୋଷ୍ଠୀ ହେଉଛନ୍ତି "ଭାରତୀୟ ତାମିଲ'', ଯେଉଁମାନଙ୍କର ପୂର୍ବ ପୁରୁଷମାନଙ୍କୁ ବ୍ରିଟିଶ ସରକାର ଊନବିଂଶ ଶତାବ୍ଦୀରେ ବଗିଚା, ଉଦ୍ୟାନ ଇତ୍ୟାଦିରେ କାମ କରିବାକୁ ଶ୍ରୀଲଙ୍କା ନେଇ ଯାଇଥିଲେ । ସେମାନଙ୍କ ସଂଖ୍ୟା ମଧ୍ୟ ପ୍ରାୟ ଦଶ ଲକ୍ଷ ଏବଂ ଏମାନଙ୍କ ମଧ୍ୟରୁ ଅନେକଙ୍କର ନାଗରିକତ୍ୱ ନାହିଁ । ସେମାନଙ୍କ ସ୍ଥିତି ସମ୍ବନ୍ଧୀୟ ପ୍ରଶ୍ନ ଭାରତ-ଶ୍ରୀଲଙ୍କା ସଂପର୍କକୁ ଆରମ୍ଭରୁ ପ୍ରଭାବିତ କରିଥିଲା । ସିଂହଳୀ ତାମିଲ ମାନଙ୍କ ସହ କନ୍ଦଳ ପରବର୍ତ୍ତୀ ସମୟରେ ଘଟିଥିଲା ।

ସିଂହଳୀମାନଙ୍କ ମନରେ ତାମିଲମାନଙ୍କ ସମ୍ଭାବ୍ୟ ଆଧିପତ୍ୟର ଭୟ ଜାତିଆଣ ସଂଘର୍ଷର ସୂତ୍ରପାତ କରିଥିଲା । କ୍ରମବିର୍ଦ୍ଧିଷ୍ଣୁ ସିଂହଳୀ ଜାତୀୟତାବାଦକୁ ରୋକିବା ନିମନ୍ତେ ବ୍ରିଟିଶ ସରକାର ଏହି ଦୁଇ ଗୋଷ୍ଠୀ ମଧ୍ୟରେ କନ୍ଦଳକୁ ପ୍ରୋତ୍ସାହନ ଦେଇଥିଲେ । ତାମିଲମାନଙ୍କୁ ପ୍ରଶାସନରେ ସ୍ଥାନ ଦିଆଗଲା ଏବଂ ସେମାନେ ଧୀରେ ଧୀରେ ବାଣିଜ୍ୟ ତଥା ବୃତ୍ତି କ୍ଷେତ୍ରରେ ନିଜର ପ୍ରଭୁତ୍ୱ ବିସ୍ତାର କରି ଚାଲିଲେ । ଅର୍ଥନୈତିକ ସମ୍ବଳ ତଥା ସୁଯୋଗର ଅଭାବ ଏବଂ ସଂଖ୍ୟା ଗରିଷ୍ଠ ସିଂହଳୀମାନଙ୍କ ଚାପରେ ତାମିଲମାନଙ୍କ ପ୍ରଭାବ କମାଇବା ପାଇଁ ଶ୍ରୀଲଙ୍କା ସରକାର ଅନେକ ଗୁଡ଼ିଏ ପଦକ୍ଷେପ ନେଲେ । ଶ୍ରୀଲଙ୍କା ଲୋକସେବାରେ ୧୯୪୮ ମସିହାରେ ତାମିଲମାନଙ୍କ ପ୍ରତିନିଧିତ୍ୱ ଶତକଡ଼ା ୩୦ଭାଗ ଥିବାବେଳେ ୧୯୭୫ବେଳକୁ ଏହା ଶତକଡ଼ା ୫ ଭାଗକୁ ଖସି ଆସିଥିଲା । ତାମିଲ ଅଧ୍ୟୁଷିତ ଅଞ୍ଚଳମାନଙ୍କରେ ବସତି ସ୍ଥାପନ କରିବାକୁ ସିଂହାଳୀମାନଙ୍କୁ ପ୍ରୋତ୍ସାହନ ଦିଆଗଲା । ୧୯୪୮ ଓ ୧୯୪୯ର ନାଗରିକତ୍ୱ ଆଇନ ପ୍ରାୟ ୧୦ଲକ୍ଷ ଭାରତୀୟ ତାମିଲଙ୍କୁ ରାଜନୈତିକ ଅଧିକାରରୁ ବଞ୍ଚିତ କରିଥିଲା । ତାମିଲ ଯୁବକମାନଙ୍କର ଅହିଂସା ଉପରୁ ଆସ୍ଥା ତୁଟିଗଲା ଏବଂ ସେମାନେ ନିଜକୁ "ତାମିଲ୍ ବ୍ୟାଘ୍ର'' (Liberation Tigers) ଭାବରେ ସଂଘଟିତ କଲେ । ଏହି 'ବ୍ୟାଘ୍ର'ମାନଙ୍କ ଲକ୍ଷ୍ୟ ଥିଲା ଏକ ସାର୍ବଭୌମ ତାମିଲ ରାଷ୍ଟ୍ର ବା 'ଏଲାମ୍' ପ୍ରତିଷ୍ଠା କରିବା ।

ତାମିଲ ପ୍ରସଙ୍ଗ ଏବଂ ଶ୍ରୀଲଙ୍କା ସରକାରଙ୍କ ତାମିଲ ବିରୋଧୀ ନୀତି ଭାରତ-ଶ୍ରୀଲଙ୍କା ସଂପର୍କକୁ ଗଭୀର ଭାବେ ପ୍ରଭାବିତ କରିଥିଲା । ଶ୍ରୀଲଙ୍କା ସରକାରଙ୍କ ବୈଷମ୍ୟ ଭିତ୍ତିକ ନୀତି ବିରୁଦ୍ଧରେ ଭାରତ ବାରମ୍ବାର ଅଭିଯୋଗ କଲା । ଶ୍ରୀଲଙ୍କାର ରାଷ୍ଟ୍ରବିହୀନ ଅଧିବାସୀ (ଭାରତୀୟ ତାମିଲ) ମାନଙ୍କ ସମସ୍ୟା ସମାଧାନ ଉଦ୍ଦେଶ୍ୟରେ ୧୯୬୪ ମସିହାରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ଏହି ଅଧିବାସୀମାନଙ୍କ ମଧ୍ୟରୁ ପ୍ରାୟ ୩ଲକ୍ଷ ଲୋକଙ୍କୁ ଶ୍ରୀଲଙ୍କାର ନାଗରିକତ୍ୱ ପ୍ରଦାନ କରାଗଲା । ପ୍ରାୟ ୬ଲକ୍ଷ ୨୫ ହଜାର ଏପରି ବ୍ୟକ୍ତିଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଗଲା ଏବଂ ୧୫ବର୍ଷ ମଧ୍ୟରେ ପର୍ଯ୍ୟାୟ କ୍ରମେ ଭାରତକୁ ସ୍ଥାନାନ୍ତର ନିମନ୍ତେ କୁହାଗଲା । ପରବର୍ତ୍ତୀ ସମୟରେ ୧୯୭୪ମସିହାରେ, ବାକି ଦେଢ଼ ଲକ୍ଷ ରାଷ୍ଟ୍ରବିହୀନ

Notes

ଅଧିବାସୀଙ୍କ ଭାଗ୍ୟ ନିର୍ଦ୍ଧାରିତ ହେଲା । ଏମାନଙ୍କ ମଧ୍ୟରୁ ଅଧେଙ୍କୁ ଶ୍ରୀଲଙ୍କାର ନାଗରିକତ୍ୱ ଏବଂ ବାକି ଲୋକଙ୍କୁ ଭାରତୀୟ ନାଗରିକ କରିବା ପାଇଁ ଉଭୟ ଦେଶ ରାଜି ହେଲେ । ଏହି ପରି ଭାବରେ ରାଷ୍ଟ୍ରବିହୀନ ଅଧିବାସୀ ମାନଙ୍କ ପ୍ରସଙ୍ଗର ସମାଧାନ ଦୁଇଦେଶ ମଧ୍ୟରେ ଶାନ୍ତିପୂର୍ଣ୍ଣ ଭାବରେ ହୋଇଗଲା ।

ଏକ ମାଇଲ ଲମ୍ବ ଏବଂ ୩୦୦ ୟାର୍ଡ ଚଉଡ଼ା ବିଶିଷ୍ଟ କଚାଟିଭୁ ନାମକ ଏକ କ୍ଷୁଦ୍ର ଦ୍ୱୀପର ମାଲିକାନା ନେଇ ୧୯୬୮ ମସିହାରେ ଉଭୟ ଦେଶ ମଧ୍ୟରେ ବିବାଦର ସୂତ୍ରପାତ ହେଲା । ୧୯୭୪ର ରାଜିନାମା ଅନୁଯାୟୀ ଏହି ଦ୍ୱୀପ ଉପରେ ଶ୍ରୀଲଙ୍କାର ଆଧିକାତ୍ୟକୁ ଭାରତ ସ୍ୱୀକାର କରିଥିଲା ।

## ୨୮.୩.୨ ତାମିଲ ବିଚ୍ଛିନ୍ନତାବାଦ

ତାମିଲ ଓ ସିଂହାଳୀଙ୍କ ମଧ୍ୟରେ ଜାତିଆଣ ବିବାଦର ଏକ ଲମ୍ବା ଇତିହାସ ରହିଛି । ୧୯୮୩ ମସିହାରେ ଏହି ବିବାଦ ଉଗ୍ରରୂପ ଧାରଣ କଲା । ଉଭୟ ସଂପ୍ରଦାୟ ମଧ୍ୟରେ ବ୍ୟବଧାନ ବଢ଼ିଗଲା । ଉଗ୍ରବାଦୀ ତଥା ବିଚ୍ଛିନ୍ନତାବାଦୀ ସଂଗଠନ ଗୁଡ଼ିକ ସକ୍ରିୟ ହୋଇ ଉଠିଲେ । ତାମିଲ ମିଳିତ ମୁକ୍ତି ମଞ୍ଚ (Tamil United Liberation Front- TULF) ୧୯୮୮ରେ ତାମିଲମାନଙ୍କ ପାଇଁ ସ୍ୱତନ୍ତ୍ର ରାଷ୍ଟ୍ର ବା "ତାମିଲ ଏଲାମ୍'' ଦାବି କଲା । ବିଦ୍ରୋହୀ ତାମିଲମାନଙ୍କ ବିରୁଦ୍ଧରେ ୧୯୮୩ରେ ଦମନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । ୧୯୮୩ରୁ ୮୬ ମସିହା ମଧ୍ୟରେ ପ୍ରାୟ ୨ ଲକ୍ଷ ତାମିଲ ବାସଗୃହ ଶୂନ୍ୟ ହୋଇଗଲେ । ଏହି ଉତ୍କଟ ଜାତିଆଣ ସଂଘର୍ଷ ଯୋଗୁଁ ହଜାର ହଜାର ସଂଖ୍ୟାରେ ତାମିଲ ଶରଣାର୍ଥୀଙ୍କ ସୁଅ ଭାରତକୁ ଛୁଟିଲା ।

ସମସ୍ୟାର ସମାଧାନ ନିମନ୍ତେ ଭାରତୀୟ ପ୍ରସ୍ତାବକୁ ତାମିଲମାନଙ୍କ ସପକ୍ଷରେ "ଭାରତ ଶ୍ରୀଲଙ୍କାରେ ହସ୍ତକ୍ଷେପ''ର ଆଖ୍ୟା ଦିଆଗଲା । ପରିସ୍ଥିତି ଯେତେବେଳେ ଉଗ୍ର ରୂପ ଧାରଣା କଲା ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ୧୯୮୭ରେ ଏକ ରାଜିନାମା ସ୍ୱାକ୍ଷରିତ ହେଲା ଏବଂ ଏହି ରାଜିନାମା ଅନୁଯାୟୀ ସାମରିକ ସହାୟତା ଯୋଗାଇଦେବା ପାଇଁ ଭାରତ ରାଜି ହେଲା । ଶ୍ରୀଲଙ୍କାରେ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ପାଇଁ ଭାରତ ଶାନ୍ତି ରକ୍ଷାବାହିନୀ ପଠାଇଲା । ଏହାଦ୍ୱାରା ଶ୍ରୀଲଙ୍କରେ ଘଟୁଥିବା ଘଟଣା ଗୁଡ଼ିକ ଭାରତର ନୀତି ଓ ସ୍ୱାର୍ଥ ବିରୁଦ୍ଧ ଏବଂ ଏ କ୍ଷେତ୍ରରେ ଭାରତ ନୀରବ ହୋଇ ବସି ପାରିବନାହିଁ ବୋଲି ଭାରତ ଶ୍ରୀଲଙ୍କା ଏବଂ ଅନ୍ୟ ବାହ୍ୟ ଶକ୍ତି ମାନଙ୍କୁ ଚେତାଇ ଦେଇଥିଲା ।

ଯଦିଓ ୧୯୮୭ର ରାଜିନାମା ଭାରତ ପାଇଁ ଏକ କୁଟନୈତିକ ବିଜୟ ଥିଲା ଏହା ଭାରତ ପାଇଁ ବହୁତ ମହଙ୍ଗା ସାବ୍ୟସ୍ତ ହେଲା । ଭାରତ ପାଖାପାଖି ୧୨,୦୦୦ ସୈନ୍ୟଙ୍କୁ ହରାଇଲା । ଶାନ୍ତିରକ୍ଷା ବାହିନୀ ପିଛା ଭାରତକୁ ଦୈନିକ ଦୁଇ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା । ସବୁଠାରୁ ଦୁଃଖର କଥା ହେଉଛି ତାମିଲ୍‌ମାନେ ଶାନ୍ତିରକ୍ଷା ବାହିନୀର ବିରୋଧ କଲେ ଏବଂ ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ସୃଷ୍ଟି ହେଲା ଏବଂ ଶେଷରେ ୧୯୯୧ ମସିହାରେ ଏଲ୍‌ଟିଟିଇ (LTTE– Liberation Tigers of Tamil Elam) ମୁଖ୍ୟ ଭେଲୁପିଲାଇ ପ୍ରଭାକରନ୍ ଙ୍କ ଇଙ୍ଗିତରେ ୧୯୮୭ ମସିହାର ଭାରତ-ଶ୍ରୀଲଙ୍କା ରାଜିନାମାର ମୁଖ୍ୟ ପ୍ରଣେତା ରାଜୀବ ଗାନ୍ଧୀ ଗାନ୍ଧୀଙ୍କୁ ହତ୍ୟା କରାଗଲା ।

## ୨୮.୩.୩ ପାରସ୍ପରିକ ସହଯୋଗର କ୍ଷେତ୍ର

୧୯୯୦ ଶଦକରୁ ଆରମ୍ଭ କରି, ବିଶେଷ କରି ଭାରତୀୟ ସୈନ୍ୟ ବାହିନୀର ପ୍ରତ୍ୟାହାର ପରେ, ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅର୍ଥନୈତିକ ସଂପର୍କର ଉନ୍ନତି ଦିଗରେ ସୁଚିନ୍ତିତ ପଦକ୍ଷେପ ମାନ ନିଆଗଲା ।



ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ଆଦାନ ପ୍ରଦାନ ନିମନ୍ତେ ୧୯୯୮ରେ ଇଣ୍ଡୋ-ଶ୍ରୀଲଙ୍କାନ୍ ଫାଉଣ୍ଡେସନ (Indo-Srilankan Foundadion) ପ୍ରତିଷ୍ଠା କରାଗଲା । ବାଣିଜ୍ୟର ଉନ୍ନତି ନିମନ୍ତେ ଏକ ମୁକ୍ତ ବାଣିଜ୍ୟ କ୍ଷେତ୍ର ସୃଷ୍ଟି କରିବା ନେଇ ଉଭୟ ଦେଶ ରାଜି ହେଲେ ଏବଂ ଏହା ଫଳରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଆଶାତୀତ ଭାବେ ବୃଦ୍ଧି ପାଇଲା ।

ତାମିଲ ଓ ସିଂହାଳୀମାନଙ୍କ ମଧ୍ୟରେ ଶାନ୍ତି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଭାରତ ଶ୍ରୀଲଙ୍କାକୁ ପ୍ରୋତ୍ସାହନ ଦେଲା । ଜାତିଆଣ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନର ଦିଗ ବାହାର କରିବା ନିମନ୍ତେ ୧୯୯୮ରେ ଶ୍ରୀଲଙ୍କା ନରୱେକୁ ଆମନ୍ତ୍ରଣ କରିଥିଲା । ଭାରତ ଶ୍ରୀଲଙ୍କାର ଏକତା ଓ ଅଖଣ୍ଡତା ଚାହେଁ । ଏହି ପ୍ରକ୍ରିୟାର ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଉଛି ଏଲଟିଟିଇ ଓ ଶ୍ରୀଲଙ୍କା ମଧ୍ୟରେ ୨୦୦୨ରେ ହୋଇଥିବା ଯୁଦ୍ଧ ବିରତି ରାଜିନାମା ଏବଂ ଉଭୟ ପକ୍ଷ ମଧ୍ୟରେ ଆଲୋଚନାର ରାସ୍ତା ଫିଟିବା । ଭାରତର ଦୀର୍ଘମିଆଦି ଦୃଷ୍ଟିକୋଣକୁ ଆଖିରେ ରଖି ଶ୍ରୀଲଙ୍କାରେ ଭାରତର ବୈଧ ସ୍ୱାର୍ଥ ନିହିତ ବୋଲି ନରୱେ ସ୍ୱୀକାର କଲା ଏବଂ ଏହି ଅଂଚଳରେ ବିବାଦର ଅନ୍ତ ନିମନ୍ତେ ଯେ କୌଣସି ଭାରତୀୟ ପ୍ରୟାସକୁ ଏହା ବିରୋଧ କରେ ନାହିଁ ବୋଲି ଘୋଷଣା କଲା ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୮.୩

୧। ଶ୍ରୀଲଙ୍କା କେବେ ସ୍ୱାଧୀନତା ପାଇଥିଲା ?

୨। ଶ୍ରୀଲଙ୍କାରେ ଥିବା ଦୁଇ ପ୍ରକାରର ତାମିଲ ଗୋଷ୍ଠୀଙ୍କ ନାମ କ'ଣ ?

୩। ୧୯୭୪ରେ କେଉଁ ଦ୍ୱୀପ ସମ୍ବନ୍ଧରେ ଶ୍ରୀଲଙ୍କାର ମାଲିକାନାକୁ ଭାରତ ସ୍ୱୀକାର କରିଥିଲା ?

୪। କେଉଁ ବର୍ଷ ଭାରତ ଶ୍ରୀଲଙ୍କାକୁ ଶାନ୍ତି ରକ୍ଷା ବାହିନୀ ପାଠାଇଥିଲା ?

---

## ତୁମେ କ'ଣ ଶିକ୍ଷା କଲ

- ତିବ୍ବତ ଓ ସୀମା ବିବାଦ ଭାରତ ଓ ଚୀନ ମଧ୍ୟରେ ବିବାଦୀୟ ପ୍ରସଙ୍ଗ ଅଟେ । ୧୯୫୪ର ଭାରତ-ଚୀନ ରାଜିନାମାରେ ତିବ୍ବତ ଉପରେ ଚୀନର ଆଧିପତ୍ୟକୁ ଭାରତ ସ୍ୱୀକାର କରିଥିଲା । ମାତ୍ର ଉଭୟ ଦେଶ ମଧ୍ୟରେ ସୀମା ବିବାବ, ଯାହା ଫଳରେ କି ୧୯୬୨ ମସିହାରେ ଯୁଦ୍ଧ ଘଟିଥିଲା ଏବଂ ଭାରତକୁ ନିଜର ଅନେକ ଅଂଚଳ ହରାଇବାକୁ ପଡ଼ିଥିଲା, ଆଜି ପର୍ଯ୍ୟନ୍ତ ଲାଗିରହିଛି । ଦୀର୍ଘ ଦିନ ଧରି ବ୍ୟବଧାନ ବଜାୟ ରଖିବା ପରେ ଭାରତ ଓ ଚୀନ ସଂପର୍କରେ ସୁଧାର ଆଣିବା ପାଇଁ ପ୍ରୟାସ କରୁଛନ୍ତି । ଏ ଦିଗରେ ଅର୍ଥନୈତିକ ସଂପର୍କର ବିକାଶ ପରେ ସୀମା ବିବାଦ ସମ୍ବନ୍ଧୀୟ ଆଲୋଚନା ଜାରି ରହିଛି ।
- ଭାରତ ଓ ପାକିସ୍ଥାନ ସଂପର୍କରେ ପ୍ରଧାନ ବିବାଦୀୟ ପ୍ରସଙ୍ଗ ହେଉଛି କାଶ୍ମୀର ଯେଉଁଥି ପାଇଁ ଉଭୟ ଦେଶ ମଧ୍ୟରେ ୧୯୪୭, ୧୯୬୫, ୧୯୭୧ ତଥା ୧୯୯୯ରେ ଯୁଦ୍ଧ ଲାଗିଥିଲା । ସୀମା ପାର ଆତଙ୍କବାଦ ମଧ୍ୟ ଉଭୟ ଦେଶ ମଧ୍ୟରେ ତିକ୍ତତା ସୃଷ୍ଟି କରିଛି । ସିମଳା ରାଜିନାମା, ଲାହୋର ଘୋଷଣାନାମା ଇତ୍ୟାଦି ମାଧ୍ୟମରେ ଉଭୟ ଦେଶର ସଂପର୍କରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଭାରତ ପ୍ରୟାସ କରିଥିଲା । ଏହା ଫଳରେ ଉଭୟ ଦେଶ ମଧ୍ୟରେ ସାଂସ୍କୃତିକ ତଥା ବୌଦ୍ଧିକ କ୍ଷେତ୍ରରେ ଆଦାନ ପ୍ରଦାନ ସମ୍ଭବ ହୋଇଛି । ପାକିସ୍ଥାନ ସହ ଏକ ପୂର୍ଣ୍ଣାଙ୍ଗ ଆଲୋଚନା ଦିଗରେ ଆଗେଇବା ପାଇଁ ଭାରତ ଚେଷ୍ଟା ଅବ୍ୟାହତ ରହିଛି ।

- ତାମିଲ ଜାତିଆଣ ସମସ୍ୟା ସମ୍ବନ୍ଧିତ କିଛି ସମୟକୁ ବାଦ ଦେଲେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସଂପର୍କ ପ୍ରାୟତଃ ବନ୍ଧୁତାପୂର୍ଣ୍ଣ ରହିଛି । ତାମିଲ ସମସ୍ୟା ଉଭୟ ଦେଶ ମଧ୍ୟରେ ଥିବା ସୁସଂପର୍କରେ ସାମୟିକ ଭଟ୍ଟା ପକାଇଥିଲା । ଶ୍ରୀଲଙ୍କାକୁ ଶାନ୍ତି ବାହିନୀ ପଠାଇବା ଭାରତ ପାଇଁ ଏକ ତିକ୍ତ ଅନୁଭୂତି ସୃଷ୍ଟି କରିଥିଲା । ୧୯୯୦ରେ ସୈନ୍ୟ ପ୍ରତ୍ୟାହାର ପରେ ଭାରତ ଶ୍ରୀଲଙ୍କାର ଜାତିଆଣ ସମସ୍ୟା ଠାରୁ ନିଜକୁ ଦୂରେଇ ରଖିଛି ଏବଂ ନରୱେ ଭଳି ଅନ୍ୟ ଦେଶମାନଙ୍କୁ ଶାନ୍ତି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ପ୍ରୋତ୍ସାହନ ଦେଇଛି । ବର୍ତ୍ତମାନ ଉଭୟ ଦେଶ ମଧ୍ୟରେ କ୍ରମ ବର୍ଦ୍ଧିଷ୍ଣୁ ଅର୍ଥନୈତିକ ସଂପର୍କ ପାରସ୍ପରିକ ବିଶ୍ୱାସର ପ୍ରତୀକ ଅଟେ ।

## ପାଠ୍ୟାନ୍ତ ଅଭ୍ୟାସ

୧। ୧୯୬୨ର ଭାରତ-ଚୀନ ଯୁଦ୍ଧର କାରଣ ଆଲୋଚନା କର ।

୨ ୧୯୯୦ ଦଶକରୁ ଆରମ୍ଭ କରି ଭାରତ ଓ ଚୀନ ସଂପର୍କରେ ଆସିଥିବା ସୁଧାର ବାଖ୍ୟା କର ।

୩। ଭାରତ ଓ ପାକିସ୍ଥାନ ମଧ୍ୟରେ ସମସ୍ତ ସମସ୍ୟାର ମୂଳ କାରଣ କାଶ୍ମୀର । ତୁମେ ଏଥିରେ ଏକମତ କି ?

୪। ଶ୍ରୀଲଙ୍କାରେ ବିଚ୍ଛିନ୍ନତାବାଦୀ ସମସ୍ୟାର କାରଣ ଖୋଜି ବାହାର କର । ଏ ସମସ୍ୟାର ସମାଧାନ ନିମନ୍ତେ ଭାରତ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକ ମଧ୍ୟ ଆଲୋଚନ କର ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୨୮.୧**

| | | |
|---|---|---|
| ୧। ୧୯୪୯ | ୨। ୧୯୫୫ | ୩। ମ୍ୟାକ୍ ମୋହନ ରେଖା |
| ୪। ୧୯୭୦ ଦଶକର ଶେଷ ବେଳକୁ | ୫। ଜିଆଙ୍ଗ୍ ଜେମିନ୍ | |

**୨୮.୨**

| | | |
|---|---|---|
| ୧। ଭୁଲ୍ | ୨। ଭୁଲ୍ | ୩। ଠିକ୍ |
| ୪। ଠିକ୍ | ୫। ଭୁଲ୍ | ୬। ଭୁଲ |

**୨୮.୩**

| | |
|---|---|
| ୧। ୪ ଫେବୃଆରୀ, ୧୯୪୮ | ୨। ଭାରତୀୟ ତାମିଲ ଏବଂ ସିଂହଳୀ ତାମିଲ |
| ୩। କାଚାଟିଭୁ ଦ୍ୱୀପ | ୪। ୧୯୮୭ |

### ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା

୧। ଭାଗ ୨୮.୧.୧. ଦେଖ

୨। ଭାଗ ୨୮.୨.୨ ଦେଖ

୩। ଭାଗ ୨୮.୨.୧ ଦେଖ

୪। ଭାଗ ୨୮.୩.୨ ଦେଖ

❑❑❑

## ଅଭ୍ୟାସ ନିମନ୍ତେ ପ୍ରଶ୍ନାବଳୀ

ସର୍ବାଧିକ ମାର୍କ : ୧୦୦ — ସମୟ: ୩ ଘଣ୍ଟା

**ନିର୍ଦ୍ଦେଶ:**

- ସମସ୍ତ ପ୍ରଶ୍ନର ଉତ୍ତର ଏକ ସ୍ୱତନ୍ତ୍ର କାଗଜରେ ଲେଖ ।
- ନିଜର ଉତ୍ତରଗୁଡ଼ିକୁ ନିଜ ଶିକ୍ଷା କେନ୍ଦ୍ରର ଶିକ୍ଷକଙ୍କ ଦ୍ୱାରା ଯାଞ୍ଚ କରାଇ ନିଜର କାର୍ଯ୍ୟ ସଂପର୍କରେ ସକାରାତ୍ମକ ମନ୍ତବ୍ୟ ନିଅ ।

---

| | | |
|---|---|---|
| ୧। | ମିଳିତ ଜାତି ସଂଘ କେବେ ପ୍ରତିଷ୍ଠା ହୋଇଥିଲା । | ୨ |
| ୨। | ମିଳତ ଜାତିସଂଘର ଘୋଷଣାନାମାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ? | ୨ |
| ୩। | ଗୋଷ୍ଠୀ ନିରପେକ୍ଷତା କହିଲେ କ'ଣ ବୁଝ ? | ୨ |
| ୪। | ଆନ୍ତର୍ଜାତିକ ଶ୍ରମ ସଂଗଠନ (ILO)ର କାର୍ଯ୍ୟ କ'ଣ ? | ୨ |
| ୫। | ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ପ୍ରଥମ ଶିଖର ସମ୍ମିଳନୀ କେବେ କେଉଁଠାରେ ଅନୁଷ୍ଠିତ ହୋଇଥିଲା । | ୨ |
| ୬। | ଶୀତଳ ଯୁଦ୍ଧ କହିଲେ କ'ଣ ବୁଝ ? | ୨ |
| ୭। | ପଂଚଶୀଳ କ'ଣ ? | ୨ |
| ୮। | ନୂତନ ଆନ୍ତର୍ଜାତିକ ଅର୍ଥନୈତିକ ବ୍ୟବସ୍ଥା (NIEO) କହିଲେ କ'ଣ ବୁଝ ? | ୨ |
| ୯। | ନିରସ୍ତ୍ରୀକରଣ କ'ଣ ? | ୨ |
| ୧୦। | 'ପଞ୍ଚଶୀଳ'ର ଯେକୌଣସି ଚାରିଟି ନିର୍ଣ୍ଣାୟକ ନୀତି ବର୍ଣ୍ଣନା କର । | ୪ |
| ୧୧। | ନିରାପତ୍ତା ପରିଷଦର ଯେକୌଣସି ଚାରିଟି କାର୍ଯ୍ୟ ବର୍ଣ୍ଣନା କର । | ୪ |
| ୧୨। | ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ସମ୍ପାଦନ କରୁଥିବା କାର୍ଯ୍ୟ ଗୁଡ଼ିକ କ'ଣ ? | ୪ |
| ୧୩। | 'ମାନବିକ ଅଧିକର ର ସର୍ବାଜନୀନ ଘୋଷଣାନାମା' (Univesal Declaration of Human Right) କ'ଣ ? ଯେକୌଣସି ତିନୋଟି ମାନବାଧିକାର ଉଲ୍ଲେଖ କର । | ୧+୩ |
| ୧୪। | ମିଳିତ ଜାତିସଂଘ ଶିକ୍ଷା, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ (UNESCO)ର ଯେକୌଣସି ଚାରିଟି କାର୍ଯ୍ୟ ବର୍ଣ୍ଣନା କର । | ୪ |
| ୧୫। | ଶୀତଳ ଯୁଦ୍ଧ ସମୟରେ ଭାରତ- ଯୁକ୍ତରାଷ୍ଟ୍ର ଆମେରିକା ସଂପର୍କରେ ସୃଷ୍ଟି ହୋଇଥିଲା ଯେକୌଣସି ଦୁଇଟି ସମସ୍ୟାକୁ ଚିହ୍ନଟ କର । | ୨+୨ |
| ୧୬। | ଭାରତ ଓ ରୁଷିଆ ମଧ୍ୟରେ ସହଯୋଗର ଯେକୌଣସି ଦୁଇଟି କ୍ଷେତ୍ର ଉଲ୍ଲେଖ କର । | ୨+୨ |
| ୧୭। | ଭାରତ ଓ ଚୀନ ମଧ୍ୟର ଥିବା ସୀମା ବିବାଦ ବର୍ଣ୍ଣନା କର । | ୪ |
| ୧୮। | ଭାରତ ଓ ପାକିସ୍ଥାନ ମଧ୍ୟରେ ଥିବା କାଶ୍ମୀର ପ୍ରସଙ୍ଗକୁ ସଂକ୍ଷେପରେ ବାଖ୍ୟା କର । | ୪ |
| ୧୯। | ଜାତିସଂପକୁ ମଜବୁତ କରିବା ଦିଗରେ ଭାରତ ନେଇଥିବା ଯେକୌଣସି ଚାରିଟି ପଦକ୍ଷେପ ବର୍ଣ୍ଣନା କର । | ୪ |
| ୨୦। | ଭାରତୀୟ ବୈଦେଶିକ ନୀତିର ନିର୍ଣ୍ଣାୟକ ଉପାଦାନ ଗୁଡ଼ିକ ବାଖ୍ୟା କର । | ୮ |
| ୨୧। | ବିଶ୍ୱ ଶାନ୍ତି ରକ୍ଷା କ୍ଷେତ୍ରରେ ମିଳିତ ଜାତିସଂଘର ଭୂମିକା ବାଖ୍ୟା କର । | ୮ |
| ୨୨। | ଭାରତର ଯୁକ୍ତରାଷ୍ଟ୍ର ଆମେରିକା ସହ ସଂପର୍କ ଆଲୋଚନା କର । | ୮ |
| ୨୩। | ୧୯୯୦ ପରଠାରୁ ଭାରତ-ପାକିସ୍ଥାନ ସଂପର୍କ ବାଖ୍ୟା କର । | ୮ |
| ୨୪। | ଗୋଷ୍ଠୀ ନିରପେକ୍ଷତାର ପ୍ରାସଙ୍ଗିକତା ସମ୍ବନ୍ଧରେ ଏକ ବିସ୍ତୃତ ବିବରଣୀ ପ୍ରଦାନ କର । | ୮ |

❑❑❑